# NATIONAL NEWS BULLETIN (ODIA)

## 5 October 2026

### Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗାୟ ପାର୍ମୋଲିନ୍‌ଙ୍କ ମଧ୍ୟରେ ନୂଆଦିଲ୍ଲୀରେ ଆଜି ହେବ ଦ୍ୱିପାକ୍ଷିକ ଆଲୋଚନା ।
- ଭାରତ ଓ ରୁଷ୍ ମଧ୍ୟରେ ପ୍ରତିରକ୍ଷା, ପରମାଣୁ ଓ ମହାକାଶ ଆଦି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ସମ୍ପର୍କ ରହିଛି - କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ଆମେରିକା ୭ଟି ପ୍ରସ୍ତାବ ଉପରେ ସହମତି ପ୍ରକାଶ ନ କରିବା ଯାଏଁ ହର୍ମୁଜ ପ୍ରଣାଳୀ ଖୋଲାଯିବ ନାହିଁ ବୋଲି ସ୍ପଷ୍ଟକଲା ଇରାନ ।
- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ପେନ୍‌ସନ ଅଦାଲତ ।

ଏବଂ

- ଦେଶର ବିଭିନ୍ନ ସ୍ଥାନରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସରଣ ଲାଗି ପାଗ ଅନୁକୂଳ ଥିବା ପାଣିପାଗ ବିଭାଗର ସୂଚନା ।

## ପିଏମ୍-ସୁଇସ୍ ପ୍ରେଜ୍ ଟକ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଗାୟ ପାର୍ମେଲିନ୍ ଆଜି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା କରିବେ। ଶ୍ରୀ ପାର୍ମେଲିନ୍ ତିନିଦିନିଆ ଭାରତ ଗସ୍ତରେ ଆସିଛନ୍ତି। ତାଙ୍କ ସହିତ ଏକ ବରିଷ୍ଠ ଅଧିକାରୀ ଓ ବ୍ୟବସାୟିକ ଦଳ ମଧ୍ୟ ଆସିଛନ୍ତି ।

ଆଲୋଚନାକାଳରେ ଉଭୟ ନେତା ବାଣିଜ୍ୟ ଓ ପୁଞ୍ଜିନିବେଶ, ବିଜ୍ଞାନ, ପ୍ରଯୁକ୍ତି ଓ ନବସୃଜନ, ସଂସ୍କୃତି ଏବଂ ଲୋକସମ୍ପର୍କ ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ସମୀକ୍ଷା କରିବେ। ବୈଠକରେ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ଘଟଣାବଳୀ ସମ୍ପର୍କରେ ଉଭୟନେତା ମତ ବିନିମୟ କରିବା ସହ ବହୁପକ୍ଷୀୟ ମଞ୍ଚରେ ସହଯୋଗ ନେଇ ଆଲୋଚନା କରିବେ।

ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତକାଳରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମଧ୍ୟ ଶ୍ରୀ ପାର୍ମେଲିନଙ୍କୁ ସାକ୍ଷାତ କରିବେ।

ଚଳିତବର୍ଷ ଫେବୃଆରୀରେ ସ୍ୱିଜରଲ୍ୟାଣ୍ଡ ରାଷ୍ଟ୍ରପତି ନୂଆଦିଲ୍ଲୀରେ ଆୟୋଜିତ ଏଆଇ ପ୍ରଭାବ ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତରେ ଆସିଥିଲେ।

# ଜୟଶଙ୍କର-ରୁଷିଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କର କହିଛନ୍ତି, ଭାରତର ସୁରକ୍ଷା ଓ ଭୌଗୋଳିକ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି ହୋଇଥିବା ସମୟରେ ରୁଷ୍ ବିଭିନ୍ନ ଉପାୟରେ ଭାରତକୁ ସହଯୋଗ କରିଥିଲା । ନୂଆଦିଲ୍ଲୀରେ ଆୟୋଜିତ ୬୨ତମ ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଡ. ଜୟଶଙ୍କର କହିଛନ୍ତି, ଭାରତର ପଡ଼ୋଶୀ ଦେଶରେ ଏକ ସାମରିକ ଶାସନକୁ ବିଶ୍ୱର ଅନେକ ଦେଶ ସମର୍ଥନ କରୁଥିବା ସମୟରେ ରୁଷ୍ ସହ ଭାରତର ସମ୍ପର୍କ ଭଲ ରହିଛି। ଡ. ଜୟଶଙ୍କର କହିଛନ୍ତି, ବର୍ତ୍ତମାନ ଦୁଇ ଦେଶର ସମ୍ପର୍କ କେବଳ ଐତିହାସିକ ସମ୍ପର୍କ ମଧ୍ୟରେ ସୀମିତ ନାହିଁ। ଏହା ଏକ ବ୍ୟାପକ ଆର୍ଥିକ ସମ୍ପର୍କରେ ପରିଣତ ହୋଇଛି। ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ପରମାଣୁ ଶକ୍ତି ଓ ମହାକାଶ କ୍ଷେତ୍ରରେ ସହଯୋଗ ସହିତ ବ୍ୟାପକ ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି ସମ୍ପର୍କ ରହିଛି।

ରୁଷ୍-ୟୁକ୍ରେନ୍ ସଂଘର୍ଷକୁ ଦୁଃଖଦ ବୋଲି ବର୍ଣ୍ଣନା କରି ଡ. ଜୟଶଙ୍କର କହିଛନ୍ତି, ଏହି ସଂଘର୍ଷର ଅବସାନ ହେଉ ବୋଲି ଭାରତର ତା'ର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛି। ଏଥିପାଇଁ ଉଭୟ ପକ୍ଷ ମଧ୍ୟରେ କୂଟନୀତି ଜରିଆରେ ଆଲୋଚନା ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଡ. ଜୟଶଙ୍କର କହିଛନ୍ତି, ଗତ କିଛି ମାସ ମଧ୍ୟରେ ଭାରତ ଏହି ପ୍ରସଙ୍ଗରେ କେବଳ ନିଜର ମତ ପ୍ରକାଶ କରିବା ମଧ୍ୟରେ ସୀମିତ ନ ରହି ଅଧିକ

ସକ୍ରିୟ ଭୂମିକା ଗ୍ରହଣ କରିଛି । ଏଥିପାଇଁ ଭାରତ’ ରୁଷ୍ ଓ ୟୁକ୍ରେନ୍ ସହ ଆଲୋଚନା କରିଛି।

## ଇଣ୍ଡିଆ-କାନାଡା ସିଇପିଏ

ଭାରତ ଓ କାନାଡା ମଧ୍ୟରେ ପ୍ରସ୍ତାବିତ ବ୍ୟାପକ ଅର୍ଥନୈତିକ ସହଭାଗିତା ଚୁକ୍ତି-ସିଇପିଏ ନେଇ ଆଜି କାନାଡାର ଅଟ୍ଟାୱାଠାରେ ଆଲୋଚନାର ପଞ୍ଚମ ପର୍ଯ୍ୟାୟ ଆରମ୍ଭ ହେବ । ଉଭୟ ଦେଶ ଚଳିତବର୍ଷ ଶେଷ ସୁଦ୍ଧା ଏହି ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବା ଲକ୍ଷ୍ୟ ରଖିଛନ୍ତି। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ଆଲୋଚନା ୯ ତାରିଖରେ ଶେଷ ହେବ।

ଗତ ମାସ ୧୮ ତାରିଖରେ ନୂଆଦିଲ୍ଲୀରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଚଳିତବର୍ଷ ମାର୍ଚ୍ଚରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ମଧ୍ୟରେ ବୈଠକ ସମୟରେ ଉଭୟ ନେତା ଏକବର୍ଷ ପର୍ଯ୍ୟନ୍ତ ସିଇପିଏ ଆଲୋଚନା କରିବା ପାଇଁ ସହମତ ହୋଇଥିଲେ। ଏଥିସହ ଶକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ବୃଦ୍ଧି କରିବାକୁ ଉଭୟ ଦେଶ ସହମତ ହୋଇଥିଲେ।

ଉଭୟ ନେତା କହିଥିଲେ ଯେ, ଏକ ବ୍ୟାପକ ବାଣିଜ୍ୟିକ ଢାଞ୍ଚା ଦୁଇ ଦେଶର ଅର୍ଥନୈତିକ ସମ୍ପର୍କ ପାଇଁ ଦୀର୍ଘସ୍ଥାୟୀ ଭିତ୍ତି ପ୍ରଦାନ କରିବ ଏବଂ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୪ ଲକ୍ଷ ୬୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାର ଲକ୍ଷ୍ୟ ପୂରଣରେ ସହାୟକ ହେବ।

୨୦୨୪-୨୫ରେ ଭାରତ ଓ କାନାଡା ମଧ୍ୟରେ  ବାଣିଜ୍ୟର ପରିମାଣ ୮ ଦଶମିକ ୬/୬ ବିଲିୟନ ଆମେରିକୀୟ ଡଲାର ଥିବାବେଳେ, କାନାଡାକୁ ଭାରତର ରପ୍ତାନି ୪ ଦଶମିକ ୨/୨ ବିଲିୟନ ଡଲାରରେ ପହଞ୍ଚିଥିଲା।

## ଇରାନ୍-ହର୍ମୁଜ୍

ଚଳିତବର୍ଷ ଜୁନ୍ ମାସରେ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ବୁଝାମଣା ଅନୁଯାୟୀ ଆମେରିକା ୭ଟି ପ୍ରସ୍ତାବ ଉପରେ ସହମତି ପ୍ରକାଶ ନ କରିବା ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀ ଖୋଲାଯିବ ନାହିଁ ବୋଲି ଇରାନ୍ କହିଛି । ଉଭୟ ତେହରାନ ଏବଂ ୱାଶିଂଟନ୍ ସୃଷ୍ଟ ପରିସ୍ଥିତିର ସମାଧାନ ଲାଗି ବିଭିନ୍ନ ସର୍ତ୍ତ ରଖିଛନ୍ତି । ଇରାନ୍‌ର ବାଚସ୍ପତି ମହମ୍ମଦ ବକ୍କର କାଲିବାଫ କହିଛନ୍ତି ହର୍ମୁଜ୍ ପ୍ରଣାଳୀ ଖୋଲିବା ନେଇ ସେମାନେ ସ୍ୱଷ୍ଟ ନୀତି ଅବଲମ୍ବନ କରୁଛନ୍ତି । ସେ କହିଛନ୍ତି ଇସଲାମାବାଦରେ ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ୭ଟି ପ୍ରସ୍ତାବ ନେଇ ଆଲୋଚନା ହୋଇଥିଲା । ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘେଇ କହିଛନ୍ତି ତେହରାନ’ ଆମେରିକାକୁ ୭ଟି ପ୍ରସ୍ତାବ ସମ୍ପର୍କରେ ଅବଗତ କରାଇସାରିଛି ।

**ସେବା ସଙ୍କଳ୍ପ –** ଜିଏସ୍‌ଟି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ ଜିଏସ୍‌ଟି ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

୨୦୧୭ ମସିହାରେ ଆରମ୍ଭ ହୋଇଥିବା ସାମଗ୍ରୀ ଓ ସେବା କର– ଜିଏସ୍‌ଟି ଦେଶର ଅବ୍ୟବସ୍ଥିତ ଆଭ୍ୟନ୍ତରୀଣ ବଜାରକୁ ଏକୀକୃତ କରିବାରେ ଏକ ବଡ଼ ସଂସ୍କାର ଭାବେ ପରିଗଣିତ ହୋଇଛି। ଜିଏସ୍‌ଟି ଅଧୀନରେ ୧୭ଟି କର ଏବଂ ୧୩ଟି ସେସ୍‌କୁ ଏକ ସାଧାରଣ ଢାଞ୍ଚାରେ ସାମିଲ କରାଯାଇଥିଲା। ଏହାଦ୍ୱାରା 'ଏକ ଦେଶ, ଏକ କର, ଏକ ବଜାର' ଧାରଣା ବାସ୍ତବ ରୂପ ନେଇଥିଲା।

ଜିଏସ୍‌ଟି ପୂର୍ବରୁ ଆନ୍ତଃରାଜ୍ୟ ପରିବହନ ସମୟରେ ବାରମ୍ବାର କର ଯାଞ୍ଚ, କାଗଜପତ୍ର ଏବଂ ଦୀର୍ଘ ସମୟର ଅପେକ୍ଷା ଯୋଗୁଁ ଟ୍ରକ୍‌ଗୁଡ଼ିକ ରାସ୍ତାରେ ଅଧିକ ସମୟ ଅଟକି ରହୁଥିଲେ। ଜିଏସ୍‌ଟି ପରେ ଏଭଳି ପ୍ରତିବନ୍ଧକ ହ୍ରାସ ପାଇବାରୁ ଟ୍ରକ୍‌ଗୁଡ଼ିକର ଦୈନିକ ଯାତ୍ରା ଦୂରତା ପ୍ରାୟ

୨୨୫ କିଲୋମିଟରରୁ ବୃଦ୍ଧି ପାଇ ୩୦୦ରୁ ୩୨୫ କିଲୋମିଟରରେ ପହଞ୍ଚିଛି।

୨୦୧୭ରେ ୬୬ ଦଶମିକ ୫ ଲକ୍ଷ ଥିବା କରଦାତାଙ୍କ ସଂଖ୍ୟା ଚଳିତବର୍ଷ ମେ' ସୁଦ୍ଧା ୧ କୋଟି ୬୫ ଲକ୍ଷକୁ ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ଜିଏସ୍‌ଟି ସଂଗ୍ରହ ୨୨ ଲକ୍ଷ ୨୭ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଏହି ସଂସ୍କାର ସହକାରୀ ସଂଘୀୟ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିଛି। ରାଜ୍ୟଗୁଡ଼ିକର ଅଂଶ ୩୨ ପ୍ରତିଶତରୁ ବୃଦ୍ଧି ପାଇ ୪୧ ପ୍ରତିଶତ ହୋଇଛି। କର୍ଣ୍ଣାଟକ, କେରଳ, ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକ ପୂର୍ବ ସମୟ ତୁଳନାରେ ଜିଏସ୍‌ଟି ଅଧୀନରେ ଅଧିକ ଲାଭାନ୍ୱିତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଏସ୍‌ଟି ସମ୍ପର୍କରେ କହିଥିଲେ ।

**V/O**

## ଜିତେନ୍ଦ୍ର ସିଂହ-ପେନସନ ଅଦାଲତ

କେନ୍ଦ୍ର କର୍ମଚାରୀ, ଜନଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ୧୭ତମ ପେନ୍‌ସନ୍ ଅଦାଲତରେ ଅଧ୍ୟକ୍ଷତା କରିବେ। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ପେନ୍‌ସନ ଅଦାଲତରେ ଦୀର୍ଘଦିନ ଧରି ବିଚାରାଧୀନ ଥିବା ବରିଷ୍ଠ ପେନ୍‌ସନଭୋଗୀ ଏବଂ ପରିବାର ପେନ୍‌ସନଭୋଗୀଙ୍କ ୮୯୭ଟି ଅଭିଯୋଗର ସମାଧାନ ପାଇଁ ବିଚାର କରାଯିବ।

ଡକ୍ଟର ଜିତେନ୍ଦ୍ର ସିଂହ ଚଳିତ ବର୍ଷ ମେ' ୧୩ ତାରିଖରେ ଅନୁଷ୍ଠିତ ୧୬ତମ ପେନ୍‌ସନ୍ ଅଦାଲତର ସଫଳତାର କାହାଣୀ ଉପରେ ଆଧାରିତ ଫ୍ଲାୟର ଉନ୍ମୋଚନ କରିବେ। ଏହା ସହିତ ପରିବାର ପେନ୍‌ସନଭୋଗୀଙ୍କ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଓ ଉତ୍ତର ସମ୍ବଳିତ ଏକ ପୁସ୍ତିକା ମଧ୍ୟ ପ୍ରକାଶ କରାଯିବ।

ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୧୭ରେ ପେନ୍‌ସନ୍ ଅଦାଲତ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୬ଟି ପେନ୍‌ସନ୍ ଅଦାଲତରେ ମୋଟ ୨୮ ହଜାର ୭୯୭ଟି ଅଭିଯୋଗ ମଧ୍ୟରୁ ୨୦ ହଜାର ୬୭୬ଟି ଅଭିଯୋଗର ସମାଧାନ କରାଯାଇଛି। ଏହାର ସଫଳତା ହାର ୭୧ ଦଶମିକ ୭/୯ ପ୍ରତିଶତ ରହିଛି।

## ଫୁଟବଲ

ଆଇଏଫ୍‌ଏ ସିଲ୍‌ଡ ୨୦୨୬ ଫୁଟବଲ ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ମୋହନ ବାଗାନ ସୁପର ଜ୍ୟାଣ୍ଟ ୪-୩ ଗୋଲରେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଛି । ଆଜି ଇଷ୍ଟବେଙ୍ଗଲ ଏବଂ ନର୍ଥଇଷ୍ଟ ୟୁନାଇଟେଡ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏହାର ବିଜେତା ସହ ମୋହନ ବାଗାନ ସୁପରଜ୍ୟାଣ୍ଟ ଫାଇନାଲ ମ୍ୟାଚ୍ ଖେଳିବ ।

# ଆଇଏମ୍‌ଡି ଓ୍ୱେଦର

ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଜି କର୍ଣ୍ଣାଟକ, କେରଳ, ମାହେ, ତାମିଲନାଡୁ, ପୁଡୁଚେରୀ ଓ କରାଇକାଲରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣଭାବେ ଅପସାରଣ ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବା ବିଭାଗ କହିଛି । ତେବେ ଦେଶର କେତେକ ଅଞ୍ଚଳରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବା କୁହାଯାଇଛି ।